# ଅଧ୍ୟାୟ – IX

# ଉପସଂହାର

# ଏବଂ

# ସୁପାରିଶ

# ଅଧ୍ୟାୟ – IX

## ଉପସଂହାର ଏବଂ ସୁପାରିଶ

### 9.1 ଉପସଂହାର

ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନାର କାର୍ଯ୍ୟଦକ୍ଷତା ଉପରେ ଅଡିଟ୍ ପ୍ରକାଶ କରିଛି ଯେ (ଏସଡବ୍ଲୁଏମ୍) ପାଇଁ ଆବଶ୍ୟକ ପୁଞ୍ଜି ବିନିଯୋଗ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ରଣନୀତି ପ୍ରସ୍ତୁତ କରିନଥିଲେ । ପରୀକ୍ଷାଯାଞ୍ଚ ହୋଇଥିବା (ୟୁଏଲବି) ଗୁଡିକ 2017-18 ରୁ ଉପଭୋକ୍ତା ଦେୟ ସଂଗ୍ରହ କରିନଥିଲେ ଯାହାଦ୍ୱାରା ₹160.71 କୋଟି ଉପଭୋକ୍ତା ଦେୟର ସ୍ୱଳ୍ପ ଆଦାୟ ହେଲା । ସେବା ସ୍ତରର ମାନଦଣ୍ଡ ହାସଲ ନ କରିବା ହେତୁ, (ୟୁଏଲବି) ଗୁଡିକ ₹333.58 କୋଟି ର କେନ୍ଦ୍ରୀୟ ସହାୟତା ହରାଇଥିଲେ । ଏହା ବ୍ୟତୀତ, ବିଏସ୍‌ସିଏଲ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପାଇଁ ବିଏମସି ରେ ₹25 କୋଟି ଜମା କରିଥିଲେ ମଧ୍ୟ ଏହା ବିଏମସିର ନିୟମିତ ଖର୍ଚ୍ଚ ପାଇଁ ଅନ୍ୟତ୍ର ବ୍ୟବହାର ହୋଇଥିଲା ।

ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ 2015-20 ଅବଧି ମଧ୍ୟରେ ବର୍ଜ୍ୟବସ୍ତୁ ଉତ୍ପାଦନ ଉପରେ କୌଣସି ସର୍ଭେ କରିନଥିଲେ କିନ୍ତୁ ମୁଣ୍ଡପିଛା ଆକଳନ ଗ୍ରହଣ କରିଥିଲେ ଯେଉଁଥିରେ ନିମ୍ନ ସ୍ତରର ବିଶ୍ୱସନୀୟତା ରହିଥିଲା । ସମାଜର ବିଭିନ୍ନ ବିଭାଗ ଦ୍ୱାରା ଉତ୍ପାଦିତ ବର୍ଜ୍ୟବସ୍ତୁ ର ପରିମାଣ ଏବଂ ପ୍ରକାର ଜାଣିବା ପାଇଁ ସର୍ଭେ ନ କରିବା ସଠିକ୍ ଯୋଜନା ଏବଂ ରଣନୀତି ଚୟନ ଏବ ଏସଡିଏମ୍ ର କାର୍ଯ୍ୟକାରିତାକୁ ଗମ୍ଭୀର ଭାବେ ପ୍ରଭାବିତ କରିଛି । ଯେହେତୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୟୁଏଲବି ଗୁଡିଜ ସ୍ୱଳ୍ପ ମିଆଦି କିମ୍ବା ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିନଥିଲେ , ୟୁଏଲବି ଗୁଡିକରେ ଭିତ୍ତିଭୂମି ପ୍ରକଳ୍ପର ଯୋଜନା ଏବଂ ଚୟନ, ଆବଶ୍ୟକତା ଅନୁଯାୟୀ ବିଶ୍ଳେଷଣ ଅପେକ୍ଷା ପାଣ୍ଠିର ଉପଲବ୍ଧତା ଦେଖି ପରିଚାଳିତ କରାଯାଇଥିଲା । ରାଜ୍ୟ ସରକାରଙ୍କ ବର୍ଜ୍ୟବସ୍ତୁ କମାଇବା କୌଶଳର ଅନୁପସ୍ଥିତିରେ, ୟୁଏଲବି ଗୁଡିକ 2015-20 ମଧ୍ୟରେ ବର୍ଜ୍ୟବସ୍ତୁ କମାଇବା କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେଇନଥିଲେ ।

**ବିଭିନ୍ନ ସ୍ତରରେ ବର୍ଜ୍ୟବସ୍ତୁ ଗୁଡିକର ପୃଥକତା ଯାଞ୍ଚ ହୋଇଥିବା ସମସ୍ତ ୟୁଏଲ୍‌ବିରେ ଅନୁପସ୍ଥିତ କିମ୍ବା ଆଂଶିକ ଥିଲା । ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ବିଷୟରେ ବିଜ୍ଞପ୍ତି ପ୍ରକାଶ ନ କରିବା ଏବଂ ମିଶ୍ରିତ ବର୍ଜ୍ୟବସ୍ତୁକୁ ଲ୍ୟାଣ୍ଡଫିଲରେ ଜମା କରିବା ଦ୍ୱାରା ବିଷାକ୍ତ ବର୍ଜ୍ୟବସ୍ତୁର ଅବଶିଷ୍ଟାଂଶ ସଂଭବତଃ ଭୂତଳଭାଗରେ ପ୍ରବେଶ କରିପାରେ ଏବଂ ବାୟୁ ଓ ମୃତ୍ତିକା ପ୍ରଦୂଷଣ ବ୍ୟତୀତ ଭୂତଳ ଜଳ ଦୁଷିତ କରିପାରେ । ଅଡିଟ୍ ଏବଂ ୟୁଏଲବି ଅଧିକାରୀଙ୍କ ମିଳିତ ସର୍ଭେ ସମୟରେ ଲ୍ୟାଣ୍ଡଫିଲ୍ ନିକଟରେ ରହୁଥିବା ବାସିନ୍ଦା ଜଣାଇଥିଲେ ଯେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହୋଇଛି ।**

**ଖୋଲା ଯାନଗୁଡିକ ବର୍ଜ୍ୟବସ୍ତୁକୁ ପରିବହନରେ ବ୍ୟବହାର ହେବା ସମୟରେ ସେଗୁଡିକୁ ରାସ୍ତାରେ ପକାଉଥିଲେ ଯଦ୍ୱାରା ଦୁର୍ଗନ୍ଧ ହେଉଥିଲା । ବର୍ଜ୍ୟବସ୍ତୁ ପରିବହନ କରୁଥିବା ଯାନଗୁଡିକରେ ଜିପିଏସ ଏବଂ ଟ୍ରାକିଙ୍ଗ୍ ସିଷ୍ଟମର ଅନୁପସ୍ଥିତି ଯୋଗୁଁ ନଦୀକୁଳରେ ବର୍ଜ୍ୟବସ୍ତୁକୁ ଅନଧିକୃତ ଭାବରେ ପକାଯାଉଥିଲା ।**

**ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ 2015-16 ରୁ 2019-20 ମଧ୍ୟରେ 7905.72 ଟିପିଡି କଠିନ ବର୍ଜ୍ୟବସ୍ତୁ ସୃଷ୍ଟି କରିଥିଲେ ଯେଉଁଥିରୁ 7148.38 ଟିପିଡି (90 ପ୍ରତିଶତ) ସଂଗ୍ରହ କରାଯାଇଥିଲା । ଉପରୋକ୍ତ ସଂଗୃହିତ କଠିନ ବର୍ଜ୍ୟବସ୍ତୁ ମଧ୍ୟରୁ 324.03 ଟିପିଡି (4.53 ପ୍ରତିଶତ) ପ୍ରକ୍ରିୟାକରଣ କରାଯାଇଥିଲା । ଅଡିଟ୍ ଦେଖିଲା ଯେ ବଜେଟର ଏକ ବଡ ଅଂଶ କେବଳ ଅଳିଆ ସଂଗ୍ରହ ,ପରିବହନ ଏବଂ ନିଷ୍କାସନ ପାଇଁ ଖର୍ଚ୍ଚ ହୋଇଥିଲା । ତଥାପି, ସହର ଏବଂ ସିଟି ଗୁଡିକର ପରିସ୍ଥିତି ସନ୍ତୋଷଜନକ ନୁହେଁ ଯେହେତୁ କଠିନ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ପାଇଁ 2015-20 ମଧ୍ୟରେ ଉପଯୁକ୍ତ ଧ୍ୟାନ ଦିଆଯାଇନଥିଲା । 2015-20 ମଧ୍ୟରେ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସୁବିଧା ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ନହେବା କାରଣରୁ ଏପରି ଘଟିଥିଲା ।**

ୟୁଏଲବି ଗୁଡିକ ଏସପିସିବିର ବୈଧ ଅନୁମତି ଏବଂ ଆବଶ୍ୟକୀୟ ପରିବେଶ ମଞ୍ଜୁରୀ ବିନା ନିଷ୍କାସନ ବ୍ୟବସ୍ଥା ପରିଚାଳନା କରୁଥିଲେ । ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକର ଚାରିପାଖରେ ଆବଶ୍ୟକ ବଫର୍ ଜୋନ୍ ରକ୍ଷଣାବେକ୍ଷଣ କରାଯାଇନଥିଲା । ଯେଉଁ କାର୍ଯ୍ୟକଳାପ ଗୁଡିକ ଏମଏସଡବ୍ଲୁ/ଏସଡବ୍ଲୁଏମ ନିୟମର ନିୟମାବଳୀ ସହିତ ମେଳ ଖାଉ ନାହିଁ, ତାହା ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକରେ ନିଆଯାଇଥିଲା । ଯାଞ୍ଚ ହୋଇଥିବା ଅନେକ ଲ୍ୟାଣ୍ଡଫିଲ୍ ରେ ମୌଳିକ ଭିତ୍ତିଭୂମି ଯଥା ବର୍ଜ୍ୟବସ୍ତୁ ଯାଞ୍ଚ ସୁବିଧା, ଓଜନ ବ୍ରିଜ୍ , ଅଗ୍ନି ନିର୍ବାପକ ଉପକରଣ, ଶୌଚାଳୟ ଇତ୍ୟାଦିର ଅଭାବ ଥିଲା । ଲ୍ୟାଣ୍ଡଫିଲ୍ ରେ ମିଶ୍ରିତ ବର୍ଜ୍ୟବସ୍ତୁ ଅବୈଜ୍ଞାନିକ ଭାବରେ ଠୁଳ କରିବା ଏବଂ ଜଳିବା ଦ୍ୱାରା ପରିବେଶ ପ୍ରଦୂଷଣ ହେବାର ପ୍ରମାଣ ଥିଲା ।

ବର୍ଜ୍ୟବସ୍ତୁର ସଠିକ ପୃଥକତା ଅଭାବରୁ କଠିନ ବର୍ଜ୍ୟବସ୍ତୁ ଗୁଡିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ , ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ , ଇ-ଆବର୍ଜନା ଏବଂ କଂସାଇଖାନାର ବର୍ଜ୍ୟବସ୍ତୁ ସହିତ ମିଶ୍ରଣ ହୋଇ ପକାଯାଉଥିଲା । ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, ଯଦିଓ ସଡକ ଏବଂ ସିମେଣ୍ଟ ଭାଟିରେ ବ୍ୟବହାର ପାଇଁ ସମ୍ଭବ, ଏହା ବ୍ୟବହୃତ ହୋଇନଥିଲା, ଏହା ୟୁଏଲବି ଦ୍ୱାରା ପଦକ୍ଷେପର ଅଭାବକୁ ଦର୍ଶାଉଛି । ଏତଦ୍ ବ୍ୟତିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ର ଭୁଲ ପରିଚାଳନା ଫଳରେ ଏହାକୁ ଖାଇବା ଯୋଗୁଁ ଏପରିକି ଗୋରୁଗାଈମାନଙ୍କର ମୃତ୍ୟୁ ଘଟିଥିଲା ।

ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ଇ-ଆବର୍ଜନାକୁ ସଂଗ୍ରହ କରିନଥିଲେ ଏବଂ ପ୍ରାଧିକୃତ ବିସର୍ଜନକାରୀ/ ପୁନଃ ବ୍ୟବହାରକାରୀଙ୍କ ନିକଟରେ ପହଞ୍ଚାଇ ନଥିଲେ ଏବଂ ଇ-ଆବର୍ଜନା କଠିନ ବର୍ଜ୍ୟବସ୍ତୁ ସହିତ ମିଶ୍ରିତ ହୋଇଥିବାର ଦେଖିବାକୁ ମିଳିଥିଲା । ସ୍ୱାସ୍ଥ୍ୟ ଚିକିତ୍ସା ସଂସ୍ଥାଗୁଡିକ ବିନା ଅନୁମତିରେ କାର୍ଯ୍ୟ କରୁଥିଲେ ଏବଂ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁକୁ ଅନଧିକୃତ ନିଷ୍କାସନ ର ସାହାରା ନେଇଥିଲେ । ଗୋଟିଏ ପଟେ ନିର୍ମିତ ଏକ କଂସେଇଖାନା ଗୃହକୁ ବ୍ୟବହାର କରାଯାଉନଥିବା ବେଳେ ଅନ୍ୟ ପଟେ ଏହାର ବ୍ୟବହାର ତଥା ରକ୍ଷଣାବେକ୍ଷଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟାରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ନିଷ୍ଫଳତା ପାଇଁ କଂସେଇଖାନା ପରିସର ଅପରିଷ୍କାର ହୋଇଥିଲା ଏବଂ ପଶୁମାନଙ୍କୁ ବେଆଇନ ଭାବେ ବଧ କରାଯାଉଥିଲା ।

ସ୍ମାର୍ଟ ସିଟି ମିଶନ ଅଧିନରେ ଗଠିତ ଏସପିଭି, ମିଶନର ମୂଳ ଉପାଦାନ ଭାବରେ ଏସଡବ୍ଲୁଏମ ର କାର୍ଯ୍ୟକାରିତାକୁ ବିବେଚନା କରିନଥିଲେ । ଫଳସ୍ୱରୁପ ଏକ ଆବର୍ଜନା ମୁକ୍ତ ସ୍ମାର୍ଟ ସିଟି ଲକ୍ଷ୍ୟ ହାସଲ କରିବାରେ ଏହି ଏସପିଭି ଗୁଡିକର ଉତ୍ତରଦାୟୀତ୍ୱ ର ଅଭାବ ପରିଲକ୍ଷିତ ହୋଇଥିଲା ।

ଯଦିଓ ରାଜ୍ୟ ସ୍ତରରେ ଆବଶ୍ୟକୀୟ କମିଟି ଗଠନ କରାଯାଇଥିଲା, ତଥାପି ଏସଡବ୍ଲୁଏମ ଯୋଜନାଗୁଡିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଅଡିଟ୍ ଦ୍ୱାରା ଯାଞ୍ଚ ହୋଇଥିବା କୌଣସି ଜିଲ୍ଲାରେ , ଜିଲ୍ଲା ଏବଂ ୟୁଏଲବି ସ୍ତରୀୟ କମିଟି ଗଠନ କରାଯାଇନଥିଲା ଫଳରେ ଏସଡବ୍ଲୁଏମ ନୀତି ପ୍ରଣୟନକୁ ସହାୟତା କରିବାରେ ଅଭାବ ପରିଲକ୍ଷିତ ହୋଇଥିଲା । ସମସ୍ତ କ୍ୟାଡର ର ପଦବୀରେ ମାନବସମ୍ବଳର ଅଭାବ ରହିଥିଲା ବିଶେଷ କରି ପରିବେଶ ଇଞ୍ଜିନିୟର୍ସ (25 ପ୍ରତିଶତ); ସ୍ୱାସ୍ଥ୍ୟ ନିରିକ୍ଷକ (20 ପ୍ରତିଶତ) ଏବଂ ଝାଡୁଦାର (29 ପ୍ରତିଶତ) ଯେଉଁମାନେ ବର୍ଜ୍ୟବସ୍ତୁ ପରିଚାଳନାରେ ସିଧାସଳଖ ଉତ୍ତରଦାୟୀ ଅଟନ୍ତି ।

ଅଡିଟ୍ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି, ଅଡିଟ୍ ମତ ଗୁଡିକୁ ଭବିଷ୍ୟତରେ ବିଚାରକୁ ନିଆଯିବ ବୋଲି ପ୍ରତିଶୃତି ଦେବା. କାର୍ଯ୍ୟାନୋୟନ ଅଧିକାରୀ ମାନଙ୍କର ଖାମଖିଆଲ ମନୋଭାବନାକୁ ଦର୍ଶାଉଥିଲା, ଯାହାକୁ ଅଡିଟ୍ ଗ୍ରହଣ କରିବାକୁ ବାଧ ହେଲା ।

ଉପରୋକ୍ତ ତୃଟିଗୁଡିକ ୟୁଏଲବି ମାନଙ୍କର ଏବଂ ଜିଲ୍ଲା/ରାଜ୍ୟ ସ୍ତରୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବୈଧାନିକ ଆବଶ୍ୟକତାକୁ ପାଳନ କରିବା ପାଇଁ ମୌଳିକ ତଦାରଖ ର ଅଭାବକୁ ସୂଚାଇଥାଏ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ବ୍ୟତୀତ ପରିବେଶ ପାଇଁ ଏକ ଗୁରୁତର ବିପଦ ଅଟେ ।

## 9.2 ସୁପାରିଶ ଗୁଡିକ

- ରାଜ୍ୟ ସରକାର ଏସଡବ୍ଲୁଏମ ଉପଭୋକ୍ତା ଦେୟ ସଂଗ୍ରହ ପାଇଁ ଏକ ଉପଯୁକ୍ତ କୌଶଳ ପ୍ରସ୍ତୁତ କରିପାରନ୍ତି ଏବଂ ସମ୍ବଳର ପାର୍ଥ୍ୟକ୍ୟକୁ ଦୁର କରିବା ପାଇଁ ବର୍ଜ୍ୟବସ୍ତୁରୁ ପୁନରାବର୍ତ୍ତନ ଯୋଗ୍ୟ ସାମଗ୍ରୀ ବଜାରକୁ ଆଣିବା ଏବଂ ଆତ୍ମନିର୍ଭରଶୀଳ ପାଇଁ ଉଦ୍ୟମ କରିପାରନ୍ତି ।
- ୟୁଏଲବି କୁ ଭିତ୍ତିଭୂମି ସୃଷ୍ଟି ପାଇଁ ସକ୍ଷମ କରିବା ପାଇଁ ଏସଡବ୍ଲୁଏମ ନିମନ୍ତେ ରାଜ୍ୟ ସରକାର ଉପଯୁକ୍ତ ରଣନୀତି ଆରମ୍ଭ କରିବା ଉଚିତ୍ ।
- ବର୍ଜ୍ୟବସ୍ତୁ ହ୍ରାସ ଏବଂ ଏହାର ପରିଚାଳନା ପାଇଁ ରାଜ୍ୟ ସରକାର ଏକ ରାଜ୍ୟ ନୀତିର ଘୋଷଣାକୁ ତ୍ୱରାନ୍ୱିତ କରିପାରନ୍ତି ।
- ରାଜ୍ୟ ସରକାରଙ୍କୁ ଏହା ସୁନିଶ୍ଚିତ କରିବା ଦରକାର ଯେ ସମସ୍ତ ୟୁଏଲବି ଗୁଡିକ କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ବ୍ୟାପକ ଯୋଜନାର ଡିପିଆର ପ୍ରସ୍ତୁତ କରୁଛନ୍ତି ।
- ବର୍ଜ୍ୟବସ୍ତୁ ଉତ୍ପାଦନକୁ ଆକଳନ କରିବା ପାଇଁ ସର୍ଭେ କରାଯିବା ଆବଶ୍ୟକ ଯାହା ଦ୍ୱାରା ଉପଯୁକ୍ତ ନୀତିଗତ ପଦକ୍ଷେପ ନିଆଯାଇ ପାରିବ ।
- ବର୍ଜ୍ୟବସ୍ତୁ ପରିଚାଳନାରେ ଅର୍ନ୍ତଭୁକ୍ତ ହେବା ପାଇଁ ଗୋଷ୍ଠୀ ଯୋଗଦାନ ଏବଂ ଆଇସି ଗୁଡିକର କାର୍ଯ୍ୟଗୁଡିକୁ ଶକ୍ତିଶାଳୀ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହିତ କରିବା ଦରକାର ।
- ବର୍ଜ୍ୟବସ୍ତୁ ଗୁଡିକର ସହଜ ପୃଥକିକରଣ ଏବଂ ତା ପର ପ୍ରକ୍ରିୟାକରଣ ଲାଗି ରାଜ୍ୟସରକାର ଘରମାନଙ୍କୁ ଯଥେଷ୍ଟ ଡଷ୍ଟବିନ୍ ଯୋଗାଇଦେବା ଉଚିତ୍

- ବର୍ଜ୍ୟବସ୍ତୁ ର ପୁନଃବ୍ୟବହାର ଏବଂ ପୁନରାବର୍ତ୍ତନକୁ ସୁଗମ କରିବା ପାଇଁ ୟୁଏଲବିଗୁଡିକୁ ସଂରକ୍ଷଣ କେନ୍ଦ୍ରରେ ବର୍ଜ୍ୟବସ୍ତୁର ପୃଥକିକରଣ କୁ ନିଶ୍ଚିତ କରିବା ଦରକାର।
- ବର୍ଜ୍ୟବସ୍ତୁର ଅନିୟମିତ ପରିବହନ ଏବଂ ଏହା ଯୋଗୁଁ ହୋଇଥିବା ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ପାଇଁ ଅଧିକାରୀଙ୍କୁ ଉତ୍ତରଦାୟୀ କରିବା ଦରକାର।
- ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣକୁ ବଢାଇବା ପାଇଁ ଓ ପୁନରାବର୍ତ୍ତନ ଯୋଗ୍ୟ ନୂତନ ବଜାର ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର/ ୟୁଏଲବି ଗୁଡିକ ଅଣ-ସରକାରୀ ସଂଗଠନ/ସଂଘ ସହାୟକ ଗୋଷ୍ଠି/ଷ୍ଟାର୍ଟ୍ ଅପ୍ /ବେସରକାରୀ ଉଦ୍ୟୋଗୀମାନଙ୍କ ସହ ହାତ ମିଳାଇବା ଉଚିତ୍।
- ସ୍ଥାୟୀ ବିକଶିତ ସହର ଏବଂ ବସତି ଗୁଡିକରେ ଲ୍ୟାଣ୍ଡଫିଲ୍ ଏବଂ ଆବର୍ଜନା ନିଷ୍କାସନ କୁ ନିଶ୍ଚିତ କରିବା ପାଇଁ ୟୁଏଲବି ମାନେ ଏମଏସଡବ୍ଲୁ ନିୟମର କଡାକଡି ଭାବେ ପାଳନକୁ ଲାଗୁ କରିବା ଉଚିତ୍।
- ରାଜ୍ୟ ସରକାର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ରାସ୍ତା ବିଛାଇବା, ସିମେଣ୍ଟ ଫ୍ରାକ୍ଟି ଇତ୍ୟାଦିରେ ବ୍ୟବହାର ରେ ଲାଗୁ କରିପାରନ୍ତି, କାରଣ ଏହା ଲ୍ୟାଣ୍ଡଫିଲରେ ପହଞ୍ଚୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ଯଥେଷ୍ଟ ହ୍ରାସ କରିବାକୁ ସକ୍ଷମ ହେବ।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୁ ନିଶ୍ଚିତ କରିବା ଦରକାର ଯେ ପଡିବ ଯେ ସମସ୍ତ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ କଂସେଇଖାନା,ପୁନରାବର୍ତ୍ତନକାରୀ ଇତ୍ୟାଦି, ସେମାନଙ୍କ କାର୍ଯ୍ୟକଳାପ ପାଇଁ ଆବଶ୍ୟକ ପ୍ରାଧିକରଣ ହାସଲ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ପାଳନ କରନ୍ତୁ।
- ବିଏମଡବ୍ଲୁର ଉପଚାର ପାଇଁ ସମସ୍ତ ଏଚସିଇ ଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ସିବିଏମଡବ୍ଲୁଟିଏଫ୍ ଗଠନକୁ ତ୍ୱରାନ୍ୱିତ କରିପାରନ୍ତି।
- କଠିନ ବର୍ଜ୍ୟବସ୍ତୁ/ତରଳ ବର୍ଜ୍ୟବସ୍ତୁ ର ନଦୀ/ଜଳାଶୟ ମଧ୍ୟରେ ପ୍ରବେଶ ଯାହା ଜଳପ୍ରଦୂଷଣ ଏବଂ ସ୍ୱାସ୍ଥ୍ୟହାନି ଘଟାଇଥାଏ ତାକୁ ରୋକିବା ଲାଗି ରାଜ୍ୟ ସରକାର ଟ୍ରିଟମେଣ୍ଟ ପ୍ଲାଣ୍ଟ ଗୁଡିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଦରକାର।
- ସାମଗ୍ରିକ କ୍ଷେତ୍ର ବିକାଶ ଏବଂ ବର୍ଜ୍ୟବସ୍ତୁ ମୁକ୍ତ ସହର ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଏସପିଭି ମାଧ୍ୟମରେ ରାଜ୍ୟ ସରକାର ଏସଡବ୍ଲୁଏମ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ।
- ରାଜ୍ୟ ସରକାର ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସମ୍ବନ୍ଧିତ ନିୟମରେ ଧାର୍ଯ୍ୟ କରାଯାଇଥିବା ତଦାରଖ କମିଟି ଏବଂ ନିୟନ୍ତ୍ରଣ ପ୍ରଣାଳି କୁ ମଜବୁତ କରିବା ଉଚିତ୍ ଏବଂ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ପ୍ରଣାଳି ପାଳନ ନ କରିବା ପାଇଁ ଦାୟୀ ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ସ୍ଥିର କରିବା ଉଚିତ୍।

**ଭୁବନେଶ୍ୱର** **(ବିଶ୍ୱନାଥ ସିଂହ ଜାଦୋନ୍)**

**ତାରିଖ : 02 SEP 2022** **ମହାଲେଖାକାର (ଲେଖା ପରୀକ୍ଷା-II)**

**ପ୍ରତିହସ୍ତାକ୍ଷରିତ**

**ନୂଆ ଦିଲ୍ଲୀ** **(ଗିରୀଶ ଚନ୍ଦ୍ର ମୁର୍ମୁ)**

**ତାରିଖ : 06 SEP 2022** **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**